### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ଥାନା ଆରୁହା ପଞ୍ଚାୟତ ଝରଗାଡ଼ିଆ ପୋଖରୀରୁ ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତ ଯୁବକ ହେଲେ ନାନପୁର ଗ୍ରାମର ସୁଶାନ୍ତ ଦେହୁରି(୨୮)। ସେ ୨ଦିନ ହେଲା ନିଖୋଜ ଥିଲେ। ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ କାଢ଼ିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ ଶୌଚ ହେବାକୁ ଯିବା ସମୟରେ ସମ୍ଭବତଃ ସେ ବୁଡ଼ି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ୧୬ ଦିନରେ ଅନଶନରତ ଶ୍ରୀକାନ୍ତଙ୍କୁ କଟକ ସ୍ଥାନାନ୍ତର

**କେନ୍ଦ୍ରାପଡ଼ା ଅଫିସ,୨୫।୮:** ଭିତରକନିକା ଜୈବ ବିବିଧତାର ସୁରକ୍ଷା ପାଇଁ ଖରସ୍ରୋତା ନଦୀରୁ ପାଣି ଉଠାକୁ ବିରୋଧ କରି ପରିବେଶବିତ୍ ତଥା ଇକୋ ସେନ୍ସିଟିଭି ଜୋନ୍‌ର ସଦସ୍ୟ ଶ୍ରୀକାନ୍ତ ନାୟକ ଗତ ୧୦ ତାରିଖଠାରୁ ଅନଶନରତ ଥିଲେ। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଶ୍ରୀକାନ୍ତ ଗୁରୁତର ଥିବା ଦର୍ଶାଇ ବୁଧବାର ରାତି ସାଢେ ୯ଟାରେ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଶ୍ରୀକାନ୍ତ କହିଛନ୍ତି, ସମ୍ଭାବନା ଅନୁଷ୍ଠାନ ଭିତରକନିକା ସେନ୍ସିଟିଭ ଜୋନ ମନିଟରିଂ କମିଟିର ସେ ସଭ୍ୟ। ଏହି ଦୃଷ୍ଟିରୁ ରାଜକନିକା ବ୍ଲକ ଖରସ୍ରୋତା ନଦୀରୁ ପାଣି ଉଠାଯିବାକୁ ନେଇ ୨୦୨୦ ଡିସେମ୍ବରରେ ଦୁଇଟି ବୈଠକ ବସିଥିଲା। ଏଥିରେ ସଭ୍ୟମାନଙ୍କର କୌଣସି ସମ୍ମତି ନ ଥିଲେ ମଧ ଚଞ୍ଚକତା କରି ଭଦ୍ରକ ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏ ନେଇ ଗତ ୧୦ ତାରିଖରେ ସେ ଜିଲା ପ୍ରଶାସନକୁ ଜଣାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଅନଶନରେ ବସିଥିଲେ ମଧ କୌଣସି ପ୍ରଶାସନିକ ଅଧିକାରୀ ଦାବି ସମ୍ପର୍କରେ ଆଲୋଚନା ପାଇଁ ଆସି ନ ଥିଲେ। ଅପରପକ୍ଷରେ ଜିଲା ପ୍ରଶାସନ ଗତ ୧୫ ତାରିଖରେ ଅନଶନସ୍ଥଳରୁ ପୋଲିସ ସାହାଯ୍ୟରେ ଉଠାଇ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରିଥିଲେ। ରାତିରେ ମଧ ଏକ ପ୍ରକାର ଜୋର କରି କଟକ ନିଆଯାଇଛି ବୋଲି ସେ ମତ ଦେଇଛନ୍ତି।

### ଦୁର୍ଘଟଣାରେ ପଥଚାରୀଙ୍କ ମୃତ୍ୟୁ

**ଟାଙ୍ଗୀ(କଟକ)୨୫।୮(ଡି.ଏନ୍.ଏ.):** ଟାଙ୍ଗୀ ଥାନା ବଇଞ୍ଚୁଆ ଛକ ନିକଟରେ ବୁଧବାର ଦୁର୍ଘଟଣାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବନ୍ଧାଲ ଗାଁର ସଦାନନ୍ଦ ଜେନା। ବସ୍ (ଓଡ଼ି୦୨ଏକ୍ୟୁ-୪୮୦୪) ଦ୍ରୁତଗତିରେ କେନ୍ଦୁଝରରୁ କଟକ ଅଭିମୁଖେ ଆସୁଥିଲା। ଏହି ସମୟରେ ବାମ ପାର୍ଶ୍ୱରୁ ହଠାତ୍ ଏକ ଟ୍ରକ ରାସ୍ତା ଉପରକୁ ଆସି ଉକ୍ତ ବସ୍‌କୁ ସାଇଡ୍ ମାରିଥିଲା। ଫଳରେ ବସ୍ ଭାରସାମ୍ୟ ହରାଇ ରାସ୍ତାର ବାମପାର୍ଶ୍ୱରେ ଯାଉଥିବା ସଦାନନ୍ଦଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବା ପରେ ବସ୍ ଚକ ତାଙ୍କ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍, ବସ୍‌ର ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

### ଚୋରି ଜିନିଷ ପୋତୁଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଜିମା

**ବାଲିକୁଦା,୨୫।୮(ସ୍ୱପ୍ର):** ଚୋରି ଜିନିଷ ମାଟିଖୋଳି ପୋତୁଥିବାବେଳେ ଗାଁ ଲୋକଙ୍କ ହାବୁଡ଼ରେ ୨ ଅଭିଯୁକ୍ତ ପଡ଼ିଛନ୍ତି। ଅଭିଯୁକ୍ତଙ୍କଠାରୁ ତିର୍ତ୍ତୋଲ ଅଞ୍ଚଳର କିଛି ସାମଗ୍ରୀ ସମେତ ୨ ଆଧାର କାର୍ଡ ମିଳିଛି। ସେମାନଙ୍କଠାରୁ ଏକ ବାକ୍ସରୁ ବ୍ୟାଙ୍କ ପାସ ବୁକ, ଏଟିଏମ କାର୍ଡ଼ ଓ ରୁପା ଅଳଙ୍କାର ସମେତ କିଛି ଶାଢ଼ି ଜବତ ହୋଇଛି। ଏହାପରେ ବାଲିକୁଦା ଥାନାପୋଲିସ ଉଭୟ ଅଭିଯୁକ୍ତଙ୍କୁ ତିର୍ତ୍ତୋଲ ପୋଲିସକୁ ହସ୍ତାନ୍ତର କରିଛି। ମୂଳୁଗାଁ ପଞ୍ଚାୟତର ସାହାଡ଼ା ଶ୍ମଶାନରେ ମାଟି ଖୋଳୁଥିବାବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରି ପୋଲିସରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିଥିଲା।

# ମଧୁର ଜଳଧାରଣ କ୍ଷମତା କମୁଛି

## ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ

- ଖରାଦିନେ ପାଦରେ ଚାଲି ଲୋକେ ପାର ହୁଅନ୍ତି
- ଅଣମୌସୁମୀରେ ଭିତରକନିକାକୁ ୧୫ % ମଧୁର ଜଳ ମିଳୁଛି

**କେନ୍ଦ୍ରାପଡ଼ା ଅଫିସ, ୨୫।୮**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠା ବିବାଦ ଏବେ ଜାତୀୟସ୍ତରରେ ପହଞ୍ଚିଛି। ମାଗାସେସେ ପୁରସ୍କାର ବିଜେତା ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିକୁ ନିଜର ସମର୍ଥନ ଦେଇଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପ ବଦଳରେ ଛୋଟ ଛୋଟ ପ୍ରକଳ୍ପ ସ୍ଥାନୀୟ ପାନୀୟ ଜଳ ସମସ୍ୟାକୁ ଦୂର କରିବ ବୋଲି ସେ ମତ ଦେଇଛନ୍ତି। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳବାସୀ ନଦୀର ଜଳସ୍ରୋତ କମୁଥିବା ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଜୀବନଜୀବିକା ସଂରକ୍ଷଣ ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି। ହେଲେ ଖରସ୍ରୋତା ନଦୀର ମଧୁର ଜଳ ଧାରଣା କ୍ଷମତା ଦିନକୁ ଦିନ କମିବାରେ ଲାଗି ଥିବା ରିପୋର୍ଟ ଦର୍ଶାଉଛି। ପରିବେଶବିତ୍‌ମାନେ ବିଭିନ୍ନ ତଥ୍ୟ ଉପସ୍ଥାପନ କରି ପ୍ରକଳ୍ପ ବିରୋଧରେ ନିଜର ମତ ରଖୁଛନ୍ତି।

ପରିବେଶବିତ୍ ତଥା ଭିତରକନିକା ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ କହିଛନ୍ତି, ୨୦୨୦ ଡିସେମ୍ବର ୧୬ରେ ରାଜନଗର ବନଖଣ୍ଡ, ଚିଲିକା ଡେଭଲପମେଣ୍ଟ ଅଥରିଟି ଓ ଜିଆଇଜେଡ ଇଣ୍ଡିଆ ପକ୍ଷରୁ ରାଜନଗର ବ୍ଲକ ଗୁପ୍ତିଠାରେ ଭିତରକନିକା ସମନ୍ୱିତ


ଭିତରକନିକାର ପାଟଶାଳା ନଦୀରେ ବୋଟ୍‌ରେ ପର୍ଯ୍ୟଟକ ବୁଲୁଛନ୍ତି।

ପରିଚାଳନାରେ ଜଳ ଓ ପରିବେଶ ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବୈଜ୍ଞାନିକ ଡ. ଗୁରୁଦୀପ ରସ୍ତୋଗୀ, ଖୁସୱନ୍ତ ସିଂହ ପ୍ରମୁଖ ଯୋଗଦେଇ ଭିତରକନିକାରେ ମଧୁର ଜଳର ଆବଶ୍ୟକତା ନେଇ ନିଜର ମତ ରଖିଥିଲେ। ସେମାନେ ଦର୍ଶାଇଥିଲେ, ୨୦୦୧ରେ ଭିତରକନିକା ଆର୍ଦ୍ରଭୂମିରେ ୭୪.୬୪ ପ୍ରତିଶତ ମଧୁର ଜଳ ପହଞ୍ଚୁଥିଲା। ଏବେ ଏହି ଜଳର ପରିମାଣ ୪୬ ପ୍ରତିଶତରେ ପହଞ୍ଚିଛି। ଜଳ ଉପଲବ୍ଧି ସମ୍ପର୍କରେ ମଡେଲକୁ ଅନୁଧ୍ୟାନ କଲେ ବ୍ରାହ୍ମଣୀ ଅବବାହିକାରେ ଥିବା ଜଳ ପରିମାଣ ୨୦୦୧ରେ ୭୯ ପ୍ରତିଶତ ଥିବା ବେଳେ ୨୦୫୧ରେ ଏହା କମିଯାଇ ୩୧ ପ୍ରତିଶତରେ ରହିବ। ଏବେ ଅଣମୌସୁମୀ ସମୟରେ ମାତ୍ର ୧୫ ପ୍ରତିଶତ ମଧୁର ଜଳ ଭିତାକନିକା ଆର୍ଦ୍ରଭୂମିରେ ପହଞ୍ଚୁଛି। ଫଳରେ ୨୦୫୧ ସୁଦ୍ଧା ମଧୁର ଜଳ ବିନା ଭିତରକନିକା ଜୈବ ବିବିଧତା ନଷ୍ଟ ହୋଇଯିବ। ସେହିପରି କ୍ରମ ବର୍ଦ୍ଧିଷ୍ଣୁ ଶିଳ୍ପ, ଜନସଂଖ୍ୟା, ସହରୀକରଣକୁ ଦୃଷ୍ଟିରେ ରଖିଲେ ଏହି ସମୟ ମଧରେ ମଧୁର ଜଳର ଆବଶ୍ୟକତା ଅଧିକ ରହିବ। ବ୍ରାହ୍ମଣୀ ଅବବାହିକାରେ ଥିବା କେବଳ କ୍ଷେତ ପାଇଁ ୨୦୦୧ରେ ୨୦୦୦ ମିଲିୟନ କ୍ୟୁବିକ ମିଟର ଆବଶ୍ୟକତା ହେଉଥିବା ବେଳେ ୨୦୫୧ରେ ଏହାର ଆବଶ୍ୟକତା ପରିମାଣ ବଢ଼ିଯାଇ ୧୦ହଜାର ମିଲିୟନ କ୍ୟୁବିକ ମିଟରର ଜଳ ଆବଶ୍ୟକ ହେବ। ଏହାକୁ ଦୃଷ୍ଟିରେ ରଖିଲେ ଭିତରକନିକାକୁ ବଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ କମିଟିର ଅନୁଧ୍ୟାନ ଆବଶ୍ୟକ ବୋଲି ଶ୍ରୀକାନ୍ତ କହିଛନ୍ତି। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ୨୦୦୩ରେ ଭାରତୀୟ ବନ୍ୟଜୀବ ସଂସ୍ଥାନ ପକ୍ଷରୁ ଭିତରକନିକା ଜୈବ ବିବିଧତା ସମ୍ପର୍କରେ ପରିବେଶ ଓ ଏହାର ଉତ୍ସ ସମ୍ପର୍କରେ ମୂଲ୍ୟାୟନ ହୋଇଥିଲା। ଏହି ରିପୋର୍ଟରେ ଆର୍ଦ୍ରଭୂମି ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ସହ ବନ୍ୟ ପରିବେଶ, ବନ୍ୟଜୀବ, ସାମୁଦ୍ରିକ ଜୀବ ସମ୍ପର୍କରେ ଅନୁଧ୍ୟାନ ହୋଇଥିଲା। ଭିତରକନିକା ଜୈବ ବିବଧତାକୁ ମଧୁର ଜଳ ବଞ୍ଚାଇ ରଖିଥିବା ଏଥିରେ ପ୍ରକାଶ ପାଇଛି। ସେହିପରି ବନ୍ୟା ଜଳ ନିୟନ୍ତ୍ରଣ ପାଇଁ ଭାରତ ସରକାରଙ୍କ ଜଳ ଉତ୍ସ ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ ଡିସେମ୍ବରରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଦର୍ଶାଯାଇଛି, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଶଯ୍ୟା ତଳମୁଣ୍ଡରେ ପୋତି ହେଉଛି। ବିଭିନ୍ନ ସ୍ଥାନରେ ବଡ ବଡ ପଠା ଯୋଗୁ ଜଳ ଧାରଣ କ୍ଷମତା କମିଛି। ସେହିପରି ମୁହାଣ ଅଞ୍ଚଳକୁ ଖୋଳାଯିବା ପ୍ରସ୍ତାବ ରହିଛି। ତଳ ମୁଣ୍ଡରେ ନଦୀବନ୍ଧକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତି କହିଛନ୍ତି ଯେ, ଖରସ୍ରୋତାର ପ୍ରକୃତ ରୂପ ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ବ୍ରାହ୍ମଣୀ ନଦୀର ଯାଜପୁର ଜିଲା ଜେନାପୁରଠାରେ ବାହାରିଥିବା ଖରସ୍ରୋତା ନଦୀ ସ୍ରୋତକୁ ଜୋକଡିଆ ପରେ ତନ୍ତିଘାଇଠାରେ ବ୍ୟାରେଜ ନିର୍ମାଣ କରାଯାଇ ସିଂହଭାଗ ପାଣିକୁ କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ବିନିଯୋଗ କରାଯାଉଛି। ଫଳରେ ଅଣ ମୌସୁମୀ ସମୟରେ ଏହି ଜଳସ୍ରୋତ ପୂର୍ବପରି ରହୁନାହିଁ। ଏହି ନଦୀ ଉପରେ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ଆରମ୍ଭ କରାଯାଇଥିବାରୁ ଯାଜପୁର ଜିଲା ବିଞ୍ଝାରପୁରଠାରୁ ତଳମୁଣ୍ଡ ପଦନୀପାଳ, ଦୈତାରୀପୁର, ନମତରା, ଦେଉଳତରା, କଣ୍ଡିଆ, ହାବଳଗଣ୍ଡଠାରେ ଖରାଦିନେ ପାଦରେ ଚାଲି ଲୋକମାନେ ପାର ହେଉଛନ୍ତି। ବିପର୍ଯ୍ୟସ୍ତ ଜଳସ୍ରୋତ ନେଇ ବହିଥିବା ଏହି ନଦୀରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟର ମେଗା ପାନୀୟ ଜଳ ପ୍ରକଳ୍ପ ଏକ ପ୍ରକାର ବୋଝ ହୋଇଥିବା ସେ ପ୍ରକାଶ କରିଛନ୍ତି।

### ୨୨.୨୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨୫।୮**

ଜଗତ୍‌ସିଂହପୁର ସହରର ବଡ଼ବାଗସ୍ଥିତ ବୃନ୍ଦାବନ ବିଦ୍ୟାପୀଠ ନିକଟରୁ ୨୨.୨୪ ଗ୍ରାମ ବ୍ରାଉନ ସୁଗାର ଓ ଏକ ସ୍କୁଟର ଜବତ ହୋଇଛି । ଜଗତ୍‌ସିଂହପୁର ଥାନା ଏସ୍‌ଆଇ ରାଜେନ୍ଦ୍ର କୁମାର ଭୋଳଙ୍କ ଅଭିଯୋଗ କ୍ରମେ ଏନେଇ ଥାନାରେ ମାମଲା (ନଂ.୪୨୨/୨୧) ରୁଜୁ ହୋଇଛି। ଏଥିସହ ଅଭିଯୁକ୍ତ ସ୍ଥାନୀୟ ବଡ଼ବାଗ (ମାର୍କଣ୍ଡପୁର)ର ରାମ ଚନ୍ଦ୍ର ସାହୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଭୂଅର୍ଜନ ଅଧିକାରୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

**କୁଜଙ୍ଗ,୨୫।୮(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲାରେ ସ୍ଥାୟୀ ଭୂଅର୍ଜନ ଅଧିକାରୀ ନିଯୁକ୍ତି ଦାବି ବୁଧବାର ହୋଇଛି। ଏ ନେଇ ଆଞ୍ଚଳିକ କୃଷକ କଲ୍ୟାଣ କମିଟି ପକ୍ଷରୁ କୁଜଙ୍ଗ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୮ବର୍ଷ ହେବ ଭୂଅର୍ଜନ ଅଧିକାରୀ ନ ଥିବାରୁ ପିପିଏଲ କ୍ଷତିଗ୍ରସ୍ତ ଚାଷୀ ସେମାନଙ୍କ ବକେୟା ୬ କୋଟି ଟଙ୍କା ପାଇ ପାରିନାହାନ୍ତି। ଏ ନେଇ କମିଟି ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ହରେକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଅରକ୍ଷିତ ଦାସ, ରମେଶ ଚନ୍ଦ୍ର ବେହେରା, ନୂତନ ତ୍ରିପାଠୀ, ଭଗବାନ ଓଝା ପ୍ରମୁଖ ଯୋଗ ଦେଇଥିଲେ।

# ଗୋଷ୍ଠୀଭିତ୍ତିକ ପ୍ରକଳ୍ପକୁ ଗୁରୁତ୍ୱ

## ରସୁଲପୁର ପଞ୍ଚାୟତ ସମିତିର ୮ମ ସାଧାରଣ ଅଧିବେଶନ

**ରସୁଲପୁର,୨୫।୮(ଡି.ଏନ.ଏ.)**

ରସୁଲପୁର ପଞ୍ଚାୟତ ସମିତିର ୮ମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାରତୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋଷ୍ଠୀ ଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ଯୋଜନା ବାବଦକୁ ବ୍ଲକ ଅଞ୍ଚଳର ୨୮ ପଞ୍ଚାୟତ ଓ ପଞ୍ଚାୟତ ସମିତିର ଅଂଶକୁ ମିଶାଇ ମୋଟ ୬.୩୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୨୦୨୦ରୁ ୨୦୨୩ ଆର୍ଥିକ ବର୍ଷରେ ଏହି ଟଙ୍କା ଖର୍ଚ୍ଚ ପାଇଁ ବିଭିନ୍ନ ପ୍ରକଳ୍ପ ଚୟନ କରାଯାଇଛି।

ବୈଠକରେ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିଡିଓ ଉମାକାନ୍ତ ପରିଡ଼ା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ୨୦୨୦ରୁ୨୦୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଅନୁଦାନ, ପଞ୍ଚମ ରାଜ୍ୟ ସ୍ୱତନ୍ତ୍ର ଅନୁଦାନରୁ ଉଭୟ ପଞ୍ଚାୟତ ଓ ସମିତି ଅଂଶ ଅର୍ଥ ଖର୍ଚ୍ଚ କରାଯିବାରୁ ଆଲୋଚନା ଆରମ୍ଭ ହୋଇଥିଲା। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରୁ ୧ କୋଟି ୭୦ଲକ୍ଷ ଟଙ୍କା, ପଞ୍ଚମ ରାଜ୍ୟ ସ୍ୱତନ୍ତ୍ର ଅର୍ଥ ଆୟୋଗ ଅର୍ଥରୁ ୨କୋଟି ୩୩ଲକ୍ଷ ଓ ବକେୟା ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ(୨୦୧୬ରୁ ୨୦୨୦)ର ଅନୁଦାନ ୨ କୋଟି ୩୫ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମୋଟ ଜନସଂଖ୍ୟାର ଶତକଡ଼ା ୮୫ଭାଗ ପରିବାରକୁ ସ୍ୱାସ୍ଥ୍ୟବୀମା କାର୍ଡ ଯୋଗାଇ ଦେବା ଦିଗରେ ବ୍ଲକ ପଦକ୍ଷେପ ନେବା ପାଇଁ ବୈଠିକରେ ଉପସ୍ଥିତ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ ଗୁରୁତ୍ୱ ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଆବାସ, ପାନୀୟ ଜଳ ଓ ପରିମଳ, କୃଷି ଓ ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା, ଶିକ୍ଷା ବିଭାଗ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷା ବିଭାଗ ଆଲୋଚନା ବେଳେ ୫-ଟି ଜରିଆରେ ବିଦ୍ୟାଳୟର ଭିତ୍ତିଭୂମି ସଜାଡିବା ପାଇଁ ବ୍ଲକର ଯେଉଁସବୁ ବିଦ୍ୟାଳୟକୁ ଚୟନ କରାଯାଇଛି, ସେସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ସହଯୋଗ ପାଇଁ ଜନ ପ୍ରତିନିଧିଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ଜିଲାପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ, ବ୍ଲକ ଉପାଧ୍ୟକ୍ଷ ଯତୀନ୍ଦ୍ର ମୋହନ ସାହୁ, ଜିଲାପରିଷଦ ସଦସ୍ୟ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକର ସମସ୍ତ ନିର୍ବାହୀ ଅଧିକାରୀ, କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ ବରୀ ବିଧାୟିକା ସୁନନ୍ଦା ଦାସ, ଏମ୍‌ପି ଶର୍ମିଷ୍ଠା ସେଠୀ ଅନୁପସ୍ଥିତ ଥିଲେ, ଏହାକୁ ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା।


ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଦୁଇ ବିଧାୟକ, ବିଡିଓ ଏବଂ ଅନ୍ୟମାନେ।

### ଶିଖର, ଏରେଡା ବାଲି ସୈରାତ ପାଇଁ ନିଲାମ ପ୍ରକ୍ରିୟା ଶେଷ

**ନାଉଗାଁ,୨୫।୮(ସ୍ୱ.ପ୍ର)**

ନାଉଗାଁ ବ୍ଲକ୍ ଅନ୍ତର୍ଗତ ଦେବୀ ନଦୀରେ ଥିବା ବାଲି ସୈରାତ ପାଇଁ ଟେଣ୍ଡର ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଏନେଇ ତହସିଲ ପକ୍ଷରୁ ଗତ ୩୦ ଜୁଲାଇରେ ଚିଠି (ନଂ.୯୦୭) ଜାରି କରାଯାଇଥିଲା। ଉକ୍ତ ଚିଠି ଅନୁସାରେ ନଦୀରେ ଥିବା ଶିଖର, ଗଳଦାରୀ ପଞ୍ଚାୟତର ଏରେଡା ଘାଟ ଟେଣ୍ଡର ପକାଇବା ନିମନ୍ତେ ୨୫ ଅଗଷ୍ଟ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ମଧ୍ୟରେ ସର୍ବମୋଟ ୧୧ଟି ଟେଣ୍ଡର ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବୁଧବାର ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜେ.କଳ୍ପନା, ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରାଙ୍କ ସମେତ ନିଲାମଧାରୀମାନେ ଉପସ୍ଥିତ ରହିଥିଲେ। ସମସ୍ତଙ୍କ ଉପସ୍ଥିତିରେ ଟେଣ୍ଡରଗୁଡ଼ିକୁ ଖୋଲାଯାଇଥିଲା। ଶିଖର ବାଲି ସୈରାତ ପାଇଁ ବଂଶୀଧର ସ୍ୱାଇଁ ବାଲି ସିଏମ ପ୍ରତି ୨୨୭୯ ଟଙ୍କା ଓ ଏରେଡା ବାଲି ସୈରାତ ପାଇଁ ଅମିୟ ରଞ୍ଜନ ମହାନ୍ତି ବାଲି ସିଏମ ପ୍ରତି ୧୦ ହଜାର ୨ ଟଙ୍କାରେ ନିଲାମ ପାଇଥିବା ନେଇ ତହସିଲ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଶିଖର ବାଲି ସୈରାତ ପାଇଁ ୭, ଏରେଡା ବାଲି ସୈରାତ ପାଇଁ ୪ଟି ଟେଣ୍ଡର ପକାଯାଇଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଏରସମା,୨୫।୮(ସ୍ୱ.ପ୍ର.)**

ଏରସମା ଥାନା ଜପା ପୋଲ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜପା ଗ୍ରାମର ରାଜେଶ ବେହେରା (୧୯)। ବାଇକ୍ ଯୋଗେ ଜପା ବଜାରରୁ ଏରସମା ଆସୁଥିଲା ବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲେ। ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ


ଅତିରିକ୍ତ ପରିବହନ କମିଶନରଙ୍କ ନେତୃତ୍ୱରେ ରାସ୍ତା ନିରୀକ୍ଷଣ କରାଯାଉଛି।

**ଚଣ୍ଡିଖୋଲ,୨୫।୮(ଡି.ଏନ.ଏ.)**

୩ଟି ଜାତୀୟ ରାଜପଥର ମିଳନସ୍ଥଳ ଭାବେ ପରିଚିତ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ଛକ ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳଭାବେ ସରକାରୀସ୍ତରରେ ଜଣାପଡ଼ିଛି। ସେଥିପାଇଁ ବୁଧବାର ଅତିରିକ୍ତ ପରିବହନ କମିଶନର ନିତି ଶେଖରଙ୍କ ନେତୃତ୍ୱରେ ଏକ ଟିମ୍ ୧୬ ନଂ ଜାତୀୟ ରାଜପଥର ଚଣ୍ଡିଖୋଲ ଛକଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରିବା ସହିତ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଚଣ୍ଡିଖୋଲଠାରେ ଥିବା ଦୁଇଟି ଅଣ୍ଡର ପାସ୍ ଓ ଗଳି ପୋଲ ନିର୍ମାଣରେ ତ୍ରୁଟି ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଦୀର୍ଘ ଦିନ ହେଲା ନିର୍ମାଣ ହୋଇଥିବା ହମ୍ପସ୍‌ଗୁଡ଼ିକ ସମତଳ ହୋଇଯିବା, ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା, ବେଆଇନ୍ ପାର୍କିଂ ଓ ଛୋଟ ବଡ଼ ବ୍ୟବସାୟୀଙ୍କ ଦ୍ୱାରା ଜାତୀୟ ରାଜପଥ ଅବରୋଧ ଏବଂ ବେଆଇନ ଗାଡ଼ି ପାର୍କିଂ ଦୁର୍ଘଟଣାର କାରଣ ପାଲଟିଥିବା କମିଶନର ଜାଣିବାକୁ ପାଇଛନ୍ତି। ଯେଉଁଠାରେ ଦୁର୍ଘଟଣା ବୃଦ୍ଧି ପାଉଛି ସେ ସବୁ ସ୍ଥାନକୁ ଚିହ୍ନଟ କରି କିପରି ଦୁର୍ଘଟଣା ନ ଘଟିବ ଏବଂ ଯାନବାହନ ଗୁଡ଼ିକ ସୁରୁଖୁରୁରେ ଯାଇପାରିବ ସେଥିନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେବୋଲି ସେ କହିଛନ୍ତି। କମିଶନର ଶେଖରଙ୍କ ଏହି ପରିଦର୍ଶନରେ ଯୁଗ୍ମ ସଚିବ(ସଡ଼କ ସୁରକ୍ଷା) ସଞ୍ଜୟ କୁମାର ବିଶ୍ୱାଳ, ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ସହକାରୀ ମୋଟର ଯାନ ନିରୀକ୍ଷକ ମନୋରଞ୍ଜନ ଖୁଣ୍ଟିଆ, ବଡ଼ଚଣା ଓ ଧର୍ମଶାଳା ପୋଲିସ ସାମିଲ ହୋଇଥିଲେ।

### ଘରୁ ପଳାଇଥିବା ୨ ନାବାଳିକା କାନପୁରରୁ ମିଳିଲେ

**ମାର୍ଶାଘାଇ,୨୫।୮(ଡି.ଏନ.ଏ.)**

ମାର୍ଶାଘାଇ ଥାନା ଅଞ୍ଚଳର ଦୁଇ ନାବାଳିକା ଗତ ୧୨ ତାରିଖରେ ଘରୁ ପଳାଇ ଯାଇଥିଲେ। ଏ ନେଇ ପରିବାର ସଦସ୍ୟଙ୍କ ପକ୍ଷରୁ ଅଭିଯୋଗ ପରେ ପୋଲିସ ସେମାନଙ୍କୁ ଖୋଜି ଉତ୍ତରପ୍ରଦେଶର କାନପୁରରୁ ପାଇଛି। କେନ୍ଦ୍ରାପଡା ଜେଏମ୍‌ଏଫସିରେ ଦୁଇ ନାବାଳିକାଙ୍କର ବୟାନ ବୁଧବାର ରେକର୍ଡ କରାଯାଇଛି। ଆଇଆଇସି ପି.କେ. କାନୁନ୍‌ଗୋଙ୍କ ସୂଚନା ଅନୁଯାୟୀ, ଦୁଇ ନାବାଳିକା ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ କମ ମାର୍କ ଥିବାରୁ ପରିବାର ସଦସ୍ୟ ଗାଳି କରିଥିଲେ। ଏଥିପାଇଁ ଦୁଇ ନାବାଳିକା ଘର ଛାଡି ପଳାଇ ଯାଇଥିଲେ। ମୋବାଇଲ ଟ୍ରାକିଂ ଦ୍ୱାରା ସେମାନଙ୍କ ଠିକଣା ଜଣାପଡିବାରୁ ଉତ୍ତରପ୍ରଦେଶରୁ ଉଦ୍ଧାର କରାଯାଇଛି।

# ସମୃଦ୍ଧ ରାଷ୍ଟ୍ର ଗଠନପାଇଁ ମହିଳାଙ୍କ ଉନ୍ନତି ଜରୁରୀ

## ରାଜ୍ୟ ମହିଳା ଆୟୋଗ ଓ ଜିଲା ପ୍ରଶାସନ ପକ୍ଷରୁ ଆଇନ ସଚେତନତା ଶିବିର

**ଜଗତ୍‌ସିଂହପୁର ଅଫିସ, ୨୫।୮**

ପ୍ରଗତିଶୀଳ, ସମୃଦ୍ଧ ରାଷ୍ଟ୍ର ଗଠନ କରିବାକୁ ହେଲେ ମହିଳାଙ୍କ ଉନ୍ନତି ଜରୁରୀ। ସେମାନେ କିପରି ସମାଜରେ ଆତ୍ମ ସମ୍ମାନର ସହ ନିଜର ଅଧିକାରକୁ ଅକ୍ଷୁଣ୍ଣ ରଖି ଜୀବନ ନିର୍ବାହ କରିବେ ସେ ନେଇ ଧ୍ୟାନ ଦିଆଯାଉଛି। ମହିଳା ସେମାନଙ୍କ ଅଧିକାରକୁ ଭଲ ଭାବେ ଜାଣିଲେ ହିଁ ଏହାକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିପାରିବେ। ବୁଧବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଇନ ସଚେତନତା ଶିବିରରେ ଆୟୋଗ ଅଧ୍ୟକ୍ଷା ଡ. ମିନତି ବେହେରା ଯୋଗଦେଇ ଏହା କହିଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ଶିବିରରେ ସେ କହିଥିଲେ, କେତେଜଣ ଅସାମାଜିକ ମଣିଷଙ୍କ ପାଇଁ ନାରୀ ପ୍ରତି ଘରୋଇ ହିଂସା, ଯୌନ ନିର୍ଯାତନା, ସାମାଜିକ, ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ତେଣୁ ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ୧୯୯୩ ମସିହାରେ ରାଜ୍ୟ ମହିଳା ଆୟୋଗ ଗଠନ କରାଯାଇଛି । ଶିବିରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି କହିଥିଲେ ଜଗତ୍‌ସିଂହପୁର ଜିଲାରେ ବହୁ ଦକ୍ଷ ପ୍ରତିଭାବାନ ମହିଳା ସରକାରୀ ଅଧିକାରୀ ଅଛନ୍ତି । ସେମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅତିରିକ୍ତ ଜିଲାପାଳ, ୬ ଜଣ ତହସିଲଦାର, ଜିଲା ସମାଜ ମଙ୍ଗଳ ଅଧିକାରୀ, ରାଜସ୍ୱ ସହାୟିକାମାନେ ରହିଛନ୍ତି। ତହସିଲଗୁଡିକରେ ଅଧିକ ମହିଳା ରାଜସ୍ୱ ନିରୀକ୍ଷକ ଅଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି। ଶିବିରରେ ୮ ଜଣ ମହିଳା କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଶାକର୍ମୀ ପ୍ରିୟତମା ଓଝା, ଅଙ୍ଗନୱାଡି କର୍ମୀ ସୌଦାମିନୀ ତ୍ରିପାଠୀ, ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିକାଲ ଅଫିସର ଡା. ସ୍ୱର୍ଣ୍ଣଲତା ଦେବୀ, ଷ୍ଟାଫନର୍ସ ସୁଧାଂଶୁ ମାଳିନୀ ଦାସ, ମହିଳା ଆଡଭୋକେଟ୍ ସୁଷମା ପ୍ରଧାନ, ସୁରକ୍ଷା ଅଧିକାରୀ ଗୌରୀ ଦେଈ, ସଖୀ ସେଣ୍ଟରର ସଦସ୍ୟା ସୌମ୍ୟା ମହାନ୍ତି ଓ ବିରିଡ଼ି ତେନ୍ତୁଳିଆସ୍ଥିତ ଗଣେଶ ସ୍ୱୟଂ ସହାୟକ ଦଳ ରହିଛନ୍ତି। ଜିଲାରେ ଦକ୍ଷତାର ସହ କୋଭିଡ୍ ପରିଚାଳନା କରିଥିବାରୁ ଜିଲାପାଳ ମହାପାତ୍ରଙ୍କୁ ମହିଳା ଆୟୋଗ ଅଧ୍ୟକ୍ଷା ସମ୍ବର୍ଦ୍ଧିତ କରିଥିଲେ।


ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଜଗତ୍‌ସିଂହପୁର ଜିଲାର ୨୧ ଆକ୍ରାନ୍ତଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ, ୨୫।୮**

ଜଗତ୍‌ସିଂହପୁର ଜିଲାରେ କୋଭିଡ୍-୧୯ର ଭୟାବହତା ଚିନ୍ତାର କାରଣ ପାଲଟିଛି। କିଛି ଦିନ ହେଲା ଜିଲାରେ ପ୍ରତ୍ୟହ ୧୧ରୁ ଅଧିକ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଥିବା ବେଳେ ଏବେ ଏହା ରେକର୍ଡସ୍ତର ଛୁଇଁଛି। ବୁଧବାର ମିଳିଥିବା ସୂଚନା ମୁତାବକ ଜିଲାରେ ଗୋଟିଏ ଦିନରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରୁ ସର୍ବାଧିକ ୭ ଜଣ ରହିଛନ୍ତି। ସେହିପରି ବାଲିକୁଦା ବ୍ଲକର ୫, ତିର୍ତ୍ତୋଲ ଓ ନାଉଗାଁର ୩ ଲେଖାଏଙ୍କ ସମେତ କୁଜଙ୍ଗ, ରଘୁନାଥପୁର ଓ ପାରାଦୀପ ପୌରାଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏଥିସହ ୩୭ ଜଣ ନୂତନ ସଂକ୍ରମିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ରୁ କମ ବୟସର ୭ ଜଣ ରହିଛନ୍ତି। ଜିଲାରେ ଏପର୍ଯ୍ୟନ୍ତ ୨୩୭ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଗତ ୨୦ରୁ ୨୪ ତାରିଖ ମଧ୍ୟରେ ୬୫ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି।

# ପାନୀୟ ଜଳ ଯୋଗାଣକୁ ନେଇ ବିତର୍କ

## ଡେରାବିଶ ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ

**ଡେରାବିଶ,୨୫।୮ (ସ୍ୱ.ପ୍ର.)**

ଡେରାବିଶ ପଞ୍ଚାୟତ ସମିତିର ସଭାଗୃହରେ ନବମ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ବିଡିଓ ଗୋପବନ୍ଧୁ ଭୋସାଗର ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥୀ ବିଗତ ଅଧିବେଶନର ବିବରଣୀ ପାଠ କରିଥିଲେ। କାର୍ଯ୍ୟସୂଚି ଅନୁଯାୟୀ, ୨୦୨୧-୨୨ ଆର୍ଥିକ ବର୍ଷ ବଜେଟ, ପଞ୍ଚାୟତିରାଜ ବିଭାଗ ଓ ପାନୀୟ ଜଳ ଯୋଗାଣ ବିଭାଗ ସମେତ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା, ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପାନୀୟ ଜଳ ଯୋଗାଣ ଓ ଜଳସମ୍ପଦ ବିଭାଗ ବାବଦ ଆଲୋଚନା ବେଳେ ବୈଠକରେ ବିତର୍କ ହୋଇଥିଲା। ଉପସ୍ଥିତ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଲୋଦ ରାୟ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ କେନାଲର ଶେଷ ମୁଣ୍ଡ ଯାଏ ପାଣି ଯିବାର ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ମାତ୍ର ପାଟକୁରା ବିଧାୟକଙ୍କ ଚିଠାରେ ହୋଇଥିବା ନିମ୍ନମାନର ମୋରମ କାର୍ଯ୍ୟକୁ ନେଇ ଅଧ୍ୟକ୍ଷ ସାହୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ନେଇ ବେଣୀପୁର ସମିତିସଭ୍ୟ ଦେବାଶିଷ ଆଚାର୍ଯ୍ୟ ଓ ଅଧ୍ୟକ୍ଷ ସାହୁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଚାଦୋଳ ସମିତିସଭ୍ୟ ମଧୁସୂଦନ ଘଡେଇଙ୍କ ହସ୍ତକ୍ଷେପ ପରେ ପ୍ରଶମିତ ହୋଇଥିଲା। ସେହିପରି ଲୁଣାନଦୀର ଦାନପୁରଠାରେ ନିର୍ମାଣ ହୋଇଥିବା ସେତୁର ସଂଯୋଗୀକରଣ ରାସ୍ତାରେ ବାଧକ ସାଜିଥିବା କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଜମି ଅବରୋଧକୁ ହଟାଇବାକୁ ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡାଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଆଗାମୀଦିନରେ ଜିଲାପାଳଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ସ୍ଥିରୀକୃତ ହୋଇଥିଲା। ଏଥିରେ ମହିଳା ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି ସ୍ୱାସ୍ଥ୍ୟ ଓ ଯୋଗାଣ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଆଲୋଚନାରେ ଜିଲା ପରିଷଦ ସଭ୍ୟା ମନୋରମା ସାହୁ ଓ ଜବା ମୁର୍ମୁ ଭାଗ ନେଇଥିଲେ। ଏବିଡିଓ ଭଞ୍ଜକିଶୋର ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରା, ସିଡିପିଓ ସ୍ନେହଲତା ସାହୁ ଓ ସଭ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ସମିତିର ଅଧ୍ୟକ୍ଷ, ବିଡିଓ ଓ ଅନ୍ୟମାନେ।

**ସଂକ୍ଷେପରେ**

## ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

**କାଶୀନଗର,୨୫।୮(ଡି.ଏନ୍.ଏ.):** ବଳାତ୍କାର ଅଭିଯୋଗରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ଗିରଫ କରିଛି। କାଶୀନଗର ବ୍ଲକ ଖୁରିଗାଁର ମାନ୍ଧାତା ଶ୍ରୀନିବାସ ରାଓ ନାମକ ଜଣେ ବ୍ୟକ୍ତି ଏକ ବଳାତ୍କାର ଘଟଣାରେ ସମ୍ପୃକ୍ତ ଥିଲେ। କାଶୀନଗର ଥାନାରେ ଏ ନେଇ ମାମଲା ରୁଜୁ ହେବା ପରେ ୨୦୧୨ରେ ଫେରାର ହୋଇଯାଇଥିଲେ। ଏ ନେଇ ସେହି ସମୟରୁ ଗିରଫ ପରୱାନା ଜାରି ହୋଇ ପୋଲିସ ଖୋଜାଖୋଜି ଚଳାଇଥିଲା। ସେ ଫେରିଆସି ଆତ୍ମଗୋପନ କରିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ କାଶୀନଗର ପୋଲିସ ଗିରଫ କରିଥିବା ଆଇଆଇସି ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

## କୂଅରେ ପଡ଼ି ବୃଦ୍ଧା ମୃତ

**ବୁଗୁଡ଼ା,୨୫।୮(ଡି.ଏନ୍.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳସାହି ଗ୍ରାମ ନୂଆସାହିରେ ବୁଧବାର ସକାଳେ ଜଣେ ୮୦ ବର୍ଷର ଅସହାୟ ବୃଦ୍ଧାଙ୍କ କୂଅରେ ପଡ଼ି ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ଜଣକ ହେଲେ ଉରି ନାୟକ। ଏନେଇ ବୁଗୁଡ଼ା ଥାନାରେ ନଂ ୧୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବୃଦ୍ଧା ଜଣକ ପଙ୍କଳସାହି ଗ୍ରାମ ନୂଆସାହିରେ ଏକୁଟିଆ ରହୁଥିଲେ। ବୁଧବାର ସକାଳେ ଉରି ପାଣି ଆଣିବା ପାଇଁ ନିଜ ବାରିପଟରେ ଥିବା କୂଅକୁ ଯାଇଥିଲେ। ପାଣି କାଢୁ କାଢୁ ଅକସ୍ମାତ ତାଙ୍କର ଗୋଡ଼ ଖସିପଡ଼ିବାରୁ ସେ କୂଅରେ ପଡ଼ିଯାଇଥିଲେ। ପଡ଼ିଶା ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଉରିଙ୍କୁ ବାହାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଇଚ୍ଛାପୁରରେ କାର୍ ଦୁର୍ଘଟଣା

**ଅଳ୍ପକେ ବର୍ତ୍ତିଲେ ଗଜପତି ପୋଲିସ ଅଧିକାରୀ**

**ପାରଳାଖେମୁଣ୍ଡି, ୨୫।୮(ଡି.ଏନ୍.ଏ.):** ଗଜପତି ଜିଲାର ପୋଲିସ ଅଧିକାରୀ ତୃତୀୟ ବାଟାଲିଅନ କମାଣ୍ଡାଣ୍ଟ ପି. କିଶୋର କୁମାର ସୁବୁଦ୍ଧି ମଙ୍ଗଳବାର ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଫେରୁଥିଲେ। ଗଞ୍ଜାମ ସୀମାନ୍ତ ଆନ୍ଧ୍ର ରାଜ୍ୟର ଇଚ୍ଛାପୁରଠାରେ ତାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ଅଧିକାରୀ ଜଣକ କୌଣସି କାର୍ଯ୍ୟରେ ଏକ କାର୍ (ଓଡି ୦୨ ବିପି ୨୫୫୩) ଯୋଗେ ଭୁବନେଶ୍ୱର ଯାଇଥିଲେ। ସେଠାରୁ ଫେରିବା ବେଳେ ବୁଧବାର ସନ୍ଧ୍ୟାରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଳମ ଜିଲା ଇଚ୍ଛାପୁର ଜାତୀୟ ରାଜପଥରେ କୌଣସି କାରଣରୁ କାର୍‌ଟି ରାସ୍ତା କଡର ଜମିକୁ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ

**ଆସିକା,୨୫।୮(ଡି.ଏନ୍.ଏ.):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ବସଷ୍ଟାଣ୍ଡସ୍ଥିତ ଶାନ୍ତିଶକ୍ତି ଭବନ ଠାରେ ବୁଧବାର ମୁଖ୍ୟ ପ୍ରଶାସିକା ରତ୍ନପ୍ରଭା ଦାଦୀ ପ୍ରକାଶମଣିଙ୍କ ୧୪ତମ ଅବର୍ଥ ସ୍ମୃତି ଦିବସକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିକା ବ୍ଲକ କୃଷି ଅଧିକାରୀ ବସନ୍ତ କୁମାର ଦେଓ, ସମ୍ମାନିତ ଅତିଥି ଭାବେ କାଳଷଣ୍ଢପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ଯୋଗଦେଇ ସହଜ ରାଜଯୋଗର ଅଭ୍ୟାସର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଭାତୀ ପ୍ରକାଶମଣିଙ୍କ ସ୍ମୃତିଚାରଣ କରିବା ସହ ବିଶ୍ୱର ୧୪୦ ଦେଶରେ ପରମାତ୍ମାଙ୍କ ପ୍ରସାଦ ସୁଖ ଶାନ୍ତି ବଣ୍ଟନ କରି ଦାଦି କିପରୀ ବିଶ୍ୱ ବନ୍ଦିନୀୟା ହୋଇଥିଲେ ଆଲୋଚନା କରିଥିଲେ। ସତପ୍ରିୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାପୁର ବ୍ଲକ ଉପାଧ୍ୟକ୍ଷଙ୍କ ଗିରଫ ଦାବି ଜୋରଦାର

**ନୟାଗଡ଼ ଅଫିସ,୨୫।୮**

ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଜାଲ ଦସ୍ତଖତକୁ ବ୍ୟବହାର କରି ପ୍ରାୟ ୮୦କୋଟି ଟଙ୍କାର ସରକାରୀ ଅନୁଦାନ ବାଟମାରଣ କରାଯାଇଥିଲା । ଏ ସଂକ୍ରାନ୍ତରେ ଅଭିଯୋଗ ପରେ ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଉକ୍ତ ରିପୋର୍ଟରେ ଅଭିଯୋଗ ସତ ବୋଲି ପ୍ରମାଣ ମିଳିଛି । ତଥାପି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବିଶେଷ କରି ଭାପୁର ବ୍ଲକ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଉପାଧ୍ୟକ୍ଷ ଗୟାଧର ପରିଡ଼ା ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଜିଲାପାଳ ପୋମା ଟୁଡୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପ୍ରତିବାଦରେ ରାଜ୍ୟ ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଆମରଣ ଅନଶନ ବୁଧବାରଠାରୁ ଆରମ୍ଭ ହୋଇଛି। ଆଦିବାସୀମାନେ ନିଜ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ଆଦିବାସୀମାନେ ପ୍ରଶାସନକୁ ସମାଲୋଚନା କରିବାକୁ ଭୁଲି ନ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପରେ ଆନ୍ଦୋଳନକୁ ପ୍ରତ୍ୟାହୃତ କରାଯାଇଛି । ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପୁରୁଣା ଜେଲ ଜମିରେ ଅନଶନ ଆରମ୍ଭ ହୋଇଛି । ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି ।

ବୁଧବାର ପୂର୍ବାହ୍ନରେ ଆଦିବାସୀଙ୍କ ଏହି ଶୋଭାଯାତ୍ରା ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ବାହାରି ନୟାଗଡ଼ ସହର ପରିକ୍ରମା କରିଥିଲା । ଏଥିରେ ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ସାମିଲ ହୋଇ ଥିଲେ । ଆଦିବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପୁରୁଣା ଏସ୍‌ଡିଜେଏମ୍ କୋର୍ଟ ପର୍ଯ୍ୟନ୍ତ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଉପରେ ବସି ରହିବା ଯୋଗୁ ପ୍ରାୟ ଅଧଘଣ୍ଟା ଯାତାୟତ ବନ୍ଦ ରହିଥିଲା । ଗଣବିକ୍ଷୋଭ ଓ ଅନଶନରେ ଆଦିବାସୀ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ, ଉପାଧ୍ୟକ୍ଷ ଗୋପାଳ ନାୟକ, ସାଧାରଣ ସମ୍ପାଦକ ଅଶୋକ



ରାଜ୍ୟ ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା ।

- ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ
- କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଅନଶନ
- ଜାଲ୍ ଦସ୍ତଖତର ପ୍ରମାଣ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ନାୟକ, ସଂଖ୍ୟାଲଘୁ ସେଲ ସମ୍ପାଦକ ସେକ୍ ଇକବାଲ ହୁସେନ୍, ଓ ଉପାଧ୍ୟକ୍ଷ ସୁରେଶ ନାୟକ, ଆମ୍ବେଡ଼କର ବିଚାରମଞ୍ଚ ଆବାହକ ଦେବରାଜ ନାୟକ, ମହିଳା ସଭାନେତ୍ରୀ କମଳ ପାଟଶାଣୀ, ନୟାଗଡ଼ ଜିଲା ସଭାପତି ମଥୁରା ସ୍ୱାଇଁ, ସମ୍ପାଦକ ରାଉତ ନାୟକ, ଖୋର୍ଦ୍ଧା ଜିଲା ସମ୍ପାଦକ ଟୁକୁ ମାଝି ପ୍ରମୁଖ ଜିଲା ପ୍ରଶାସନ ଓ ଭାପୁର ବ୍ଲକ ପ୍ରଶାସନ ଉପରେ ବର୍ଷିଥିଲେ । ଗୟାଧର ପରିଡ଼ାଙ୍କ ଦୁର୍ନୀତି କିପରି ତଳସ୍ତରୁ ଉପରସ୍ତର ପର୍ଯ୍ୟନ୍ତ ଲମ୍ବିଛି ତାର ଗୁମର ଖୋଲିଥିଲେ ।

ଏନେଇ ରାଜ୍ୟ ସଭାପତି ଦେହୁରୀ କୁହନ୍ତି, ଆଦିବାସୀ ମହିଳା ବ୍ଲକ ଅଧ୍ୟକ୍ଷାଙ୍କୁ ଆଶାଳୀନ ବ୍ୟବହାର, ଜାତିଆଣ ଆକ୍ଷେପ କରାଯାଇଛି । ପୁଣି ଅଧ୍ୟକ୍ଷଙ୍କ ଜାଲ ଦସ୍ତଖତରେ ୮୦ କୋଟି ଟଙ୍କା ଆତ୍ମସାତ୍ ହୋଇଛି । ଏନେଇ ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଉପାଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ତାଙ୍କୁ ଅନାସ୍ଥାରେ ହଟାଇ ଦିଆଗଲା। ତେବେ ପୂର୍ବତନ ଅଧ୍ୟକ୍ଷା କରିଥିବା ଅଭିଯୋଗର ତଦନ୍ତ ଉପଜିଲାପାଳ କରିବା ପରେ ଦୁର୍ନୀତି ପ୍ରମାଣିତ ହୋଇଛି। ଏହାପରେ ବି ଜିଲାପାଳ ଚୁପ ହୋଇ ବସିଛନ୍ତି। ଉପାଧ୍ୟକ୍ଷ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରାଯାଉନାହିଁ। ପୁଣି ତଦନ୍ତକାରୀ ଅଧିକାରୀ ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକଙ୍କୁ ହଟାଯାଇ ନୂଆ ତଦନ୍ତକାରୀ ଅଧିକାରୀ ନିଯୁକ୍ତି କରାଗଲା ନାହିଁ । ବ୍ଲକ କାର୍ଯ୍ୟାଳୟକୁ ସିଲ୍ କରାଯାଇ ଦୁର୍ନୀତି ହୋଇଥିବା କାଗଜପତ୍ର ମଧ୍ୟ ଜବତ ହେଲା ନାହିଁ । ଏନେଇ ଜିଲାପାଳ ଓ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ୫ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଦେଇ ଅବଗତ କରାଯାଇଥିଲା । ଜିଲାପାଳ ଏଦିଗରେ ତ୍ୱରିତ ପଦକ୍ଷେପ ନ ନେବାରୁ ଗଣବିକ୍ଷୋଭ ଓ ଅନଶନ ଆରମ୍ଭ ହେଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରା କୁହନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବ। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କୁହନ୍ତି, ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଅଭିଯୋଗ ପରେ ଉପଜିଲାପାଳ ତଦନ୍ତ କରିଛନ୍ତି । ଥାନାରେ ମାମଲା ହୋଇଛି । ଏନେଇ ଜିଲାପାଳ ଓ ଏସ୍‌ପି ମିଳିତ ଭାବେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି । ରାଜ୍ୟ ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା ।

## ଭର୍ଚୁଆଲ ମୋଡ୍‌ରେ ସଂସ୍କୃତ ଦିବସ ପାଳିତ

**ନୟାଗଡ଼ ଅଫିସ,୨୫।୮**

ଗୁଗୁଲ୍ ମିଟ୍ ମାଧ୍ୟମରେ ସଂସ୍କୃତ ବିକାଶ ପରିଷଦ ପକ୍ଷରୁ ସଂସ୍କୃତ ଦିବସ ବୁଧବାର ପାଳିତ ହୋଇଯାଇଛି । ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଂସ୍କୃତ ଭାଷା ଉପରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ କୁରୁକ୍ଷେତ୍ରର ଗୁଲ୍ ଜାରିଲାଲନନ୍ଦା ଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ସୁରେନ୍ଦ୍ର ମୋହନ ମିଶ୍ର ଯୋଗଦେଇ ଭାରତର ଏକତା, ଅଖଣ୍ଡତା ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ପ୍ରସିଦ୍ଧ ସଂସ୍କୃତ ଲୋକକବି ଡ.କାଳୀ ପ୍ରସନ୍ନ ଶତପଥୀ ଓଡ଼ିଆ ଛାନ୍ଦରେ ସଂସ୍କୃତକୁ ନୟାଗଡ଼ର ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ । ଅଧ୍ୟାପିକା ନୀଳିମା ନନ୍ଦଙ୍କ ମଙ୍ଗଳ ଗାନ, ବିଜୟଲକ୍ଷ୍ମୀଙ୍କ ଶଙ୍ଖନାଦ ପରେ ସତ୍ୟନାରାୟଣ ଆଚାର୍ଯ୍ୟ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ବିଜୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସତ୍ୟନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରମେଶ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିଷଦର କର୍ମକର୍ତ୍ତାଙ୍କ ସହିତ ଅଧ୍ୟାପିକା ନମିତା ନାୟକ, କୃପାସିନ୍ଧୁ ସ୍ୱାଇଁ, ବିଶିଷ୍ଟ ଗବେଷକ ଡ.ନାରାୟଣ ମହାପାତ୍ର, ବିଶିଷ୍ଟ ସଂସ୍କୃତ ପତ୍ରିକା ସମ୍ପାଦକ ଡ.ଧନଞ୍ଜୟଙ୍କ ସହିତ ଗୁଜରାଟର ସଂସ୍କୃତି ବିଦ୍ୱାନ୍‌ମାନେ ଯୋଗ ଦେଇଥିଲେ ।

# ୭ ଦିନରେ ତଦନ୍ତ ସାରିବାକୁ ନିର୍ଦ୍ଦେଶ

**ଚଢ଼ା ଦରରେ ୟୁରିଆ ସାର ବିକ୍ରି ଘଟଣା**

**ଓଡ଼ଗାଁ,୨୫।୮(ସ୍ୱ.ପ୍ର.)**

ଓଡ଼ଗାଁ ତହସିଲ ଅନ୍ତର୍ଗତ କୁରାଳ ପ୍ରାଥମିକ ସେବା ସମବାୟ ସମିତି ଦ୍ୱାରା ଚଢ଼ା ଦରରେ ୟୁରିଆ ସାର ବିକ୍ରି ଅଭିଯୋଗ ହୋଇଥିଲା । ୭ ଦିନରେ ଏହି ଅଭିଯୋଗର ତଦନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀମାନଙ୍କ ଜମା ଟଙ୍କା ବୁଡି ଯିବା, ଲୋନ୍ ପାଇଁ ଲାଞ୍ଚ ନେବା, ଧାନ କିଣାରେ ଦୁର୍ନୀତୀ ତଥା ମିଥ୍ୟା ଲୋନ୍ ଭଳି ଚର୍ଚ୍ଚାରେ ରହିଥିବା ସଂପୃକ୍ତ ସମବାୟ ସମିତି ଚଢ଼ା ଦରରେ ୟୁରିଆ ସାରା ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା । ଏସଂକ୍ରାନ୍ତରେ ଗତ୧୩ ତାରିଖରେ ଧରିତ୍ରୀ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଚାଷୀମାନଙ୍କ ପାଇଁ ଆସିଥିବା ୟୁରିଆ ସାରକୁ ଦାୟିତ୍ୱରେ ଥିବା କର୍ମଚାରୀ ଟ୨୬୬.୪୦ପଇସା ପରିବର୍ତ୍ତେ ୩୦୦ ଟଙ୍କାରେ ବିକ୍ରି କରୁଥିଲେ । ଏନେଇ କୁରାଳର ଶତାଧିକ ଚାଷୀ ସମବାୟ ବିଭାଗର ଦୃଷ୍ଟିଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ନୟାଗଡ଼ ଜିଲା ସମବାୟ ବ୍ୟାଙ୍କ ସମ୍ପାଦକ ଅନୁରୂପ ଭାବେ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ପରିସ୍ଥିତି ସମ୍ପର୍କରେ ୧୮ ତାରିଖରେ ଚିଠି ମାଧ୍ୟମରେ ଜଣାଇଥିଲେ । ଏପରିସ୍ଥଳେ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି ଚଢ଼ା ଦରରେ ୟୁରିଆ ବିକ୍ରି ଘଟଣାର ୭ ଦିନ ମଧ୍ୟରେ ତଦନ୍ତ ସାରି ତତ୍କାଳ ରିପୋର୍ଟ ପ୍ରଦାନ କରିବାକୁ ୨୪ ତାରିଖରେ ନୟାଗଡ଼ ଜିଲାରେ ଅବସ୍ଥାପିତ ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଚଢ଼ା ଦରରେ ୟୁରିଆ ବିକ୍ରି ଘଟଣା ପ୍ରଘଟ ହେବା ପରେ ସଂପୃକ୍ତ କର୍ମଚାରୀ ଧାର୍ଯ୍ୟ ଦରରେ ଜଣ ପିଛା ୧୫ କେଜି ୟୁରିଆ ବିକ୍ରି କରୁଥିବା ସୂଚନା ମିଳୁଛି। ଏପରିକି ସଂପୃକ୍ତ ବ୍ୟାଙ୍କ କର୍ମଚାରୀ ତଥା ସେବା ସମବାୟ ସମିତି ସମ୍ପାଦକ ଈଶ୍ୱର ଚନ୍ଦ୍ର ସାହୁ ଏହାକୁ ଖଣ୍ଡନ କରିବା ସହ ସେ ଆଦୌ ୟୁରିଆ ସାର ବିକ୍ରି କରି ନ ଥିବା କହିଛନ୍ତି।

## ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ମେଳା

**ନୟାଗଡ଼ ଅଫିସ,୨୫।୮:**

ବୁଧବାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନୟାଗଡ଼ର ସୃଜନ ସଭାଗୃହରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହାୟତାରେ ଏକ ମେଗା ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଜିଲାର ୬୭୨ ସ୍ୱୟଂ ସହାୟକ ଗୋଷ୍ଠୀର କାଗଜପତ୍ର ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ମିଶନ ଶକ୍ତି ଋଣ ପାଇଁ ପ୍ରେରଣ କରାଯାଇଥିଲା । ଏଥିରୁ ୧୦ ଟି ଶାଖା ପକ୍ଷରୁ ୬୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୪.୩୦ କୋଟି ଟଙ୍କା ଋଣ ବ୍ୟାଙ୍କ ତରଫରୁ ଅନୁମୋଦନ କରାଯାଇଥିଲା। ଅତିଥିମାନେ ୩୯ଟି ଗୋଷ୍ଠିକୁ ଋଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନେଟୱାର୍କ-୧ ର ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲାପାଳ ପୋମା ଟୁଡୁ ଯୋଗ ଦେଇ କିଭଳି ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କରୁ ମିଶନ ଶକ୍ତି ଋଣ ନେଇ ନିଜର ଆର୍ଥିକ ପରିସ୍ଥିତି ସଜାଡ଼ି ପାରିବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ ଯୋଗ ଦେଇଥିଲେ ।

# ବୃଦ୍ଧାଶ୍ରମରେ ଦାନ ଉତ୍ସବ



ଦାନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

**ନୟାଗଡ଼ ଅଫିସ,୨୫।୮**

ନୟାଗଡ଼ ଲେଖନପୁରଠାରେ ଗଢ଼ି ଉଠିଥିବା ସମର୍ପଣ ବୃଦ୍ଧାଶ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଦାନ ଉତ୍ସବ ତଥା ସାମାଜିକ ପ୍ରତିବଦ୍ଧତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସମର୍ପଣ ବୃଦ୍ଧାଶ୍ରମର ସଭାପତି ତଥା ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଓଡ଼ିଶା ମୁଖ୍ୟ ବିଦ୍ୟା କ୍ରିଷ୍ଣନ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର ଅଭୟ କିଶୋର ପାଣ୍ଡେ, ଡିଜିଏମ୍ ଆନନ୍ଦ ବିକ୍ରମ, ସୁନୀଲ କୁମାର ଖେରନାର, ରିଜିଓନାଲ ମ୍ୟାନେଜର ଭୂପଦେବ ପ୍ରଧାନ ଓ ନୟାଗଡ଼ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମର୍ପଣ ବୃଦ୍ଧାଶ୍ରମକୁ ଏକ ଫ୍ରିଜ୍ ଓ ଅନ୍ତେବାସୀମାନଙ୍କୁ ଅତିଥିମାନେ ବସ୍ତ୍ର ପ୍ରଦାନ କରିଥିଲେ । ସମର୍ପଣ ବୃଦ୍ଧାଶ୍ରମ ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ ଅନୁଷ୍ଠାନର ପରିଚାଳନା ସଂକ୍ରାନ୍ତରେ ସୂଚନା ଦେଇଥିଲେ ।

# ବୁଧିବାମାନ ଓଷା ଆରମ୍ଭ

**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.)**

ଭାଦ୍ରବ ମାସ ପ୍ରଥମ ବୁଧବାର ଅର୍ଥାତ୍ ଆଜିଠାରୁ ଆରମ୍ଭ ହେଉଛି ବୁଦ୍ଧିବାମନ ଓଷା। ଏହା ବୁଧେଇ ଓଷା ଭାବେ ପରିଚିତ । ଏହି ଓଷାକୁ ମହିଳାମାନେ ନିଷ୍ଠାର ସହ ପାଳନ କରିଥାନ୍ତି। ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହି, ମର୍ଦ୍ଦରାଜପୁର, କୋସକା, ବେଣାଗାଡିଆ, କଣ୍ଟିଲୋ, ସିଧାମୂଳା, ପଥରଚକଡା, ଜଗନ୍ନାଥପ୍ରସାଦ, ବଳରାମପ୍ରସାଦ ଆଦି ଗ୍ରାମର ମହିଳାମାନେ ଏହି ଓଷା ପାଳନ କରିଛନ୍ତି । ପରମ୍ପରା ଅନୁଯାୟୀ, ଶିଳ ଓ ଶିଳପୁଆରେ ବଟା ହଳଦିରେ ପିତୁଳା ଗଢି ଗୁଆ, କଉଡି ସ୍ଥାପନ କରାଯାଏ । ସେହି ପିତୁଳାରେ ସୁନା, ରୁପା ଅଳଙ୍କାର ସଜ୍ଜିତ କରାଯାଏ । ଓଷା କୋଠିରେ ମଣ୍ଡଳ ସ୍ଥାପନ କରାଯାଇ ପୂଜାରୀଙ୍କ ଦ୍ୱାରା ବୁଧେଇ ଓଷା ବହି ପାଠ କରାଯାଏ । ବୁଧବାର ସନ୍ଧ୍ୟାରେ ମହିଳାମାନେ ପୂଜା କୋଠିରେ ଏକତ୍ରୀତ ହୋଇ ଏହି ବ୍ରତ ପାଳନ କରିଛନ୍ତି । ବିଶେଷ କରି ପିଲାମାନଙ୍କ ମଙ୍ଗଳ କାମନା ତଥା ନିଜ ମନସ୍କାମନା ପୂରଣ ପାଇଁ ଏହି ଓଷା ମହିଳାମାନେ କରିଥାନ୍ତି।


ଶିଳରେ ସ୍ଥାପନ ହୋଇଥିବା ପିତୁଳା ।

# ଫେରୁଛନ୍ତି କିଡ୍‌ନୀ ଆକ୍ରାନ୍ତ ରୋଗୀ

**ଡାଏଲିସିସ୍ ପାଇଁ ପାଣିର ଅଭାବ**

**ନୟାଗଡ଼ ଅଫିସ,୨୫।୮:**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାୟୋଲିସିସ୍ ପାଇଁ ପାଣିର ଅଭାବ ଦେଖାଦେଇଛି । ଏଣୁ କିଡନୀ ଆକ୍ରାନ୍ତ ରୋଗୀମାନେ ଡାୟୋଲିସିସ୍ କରି ନ ପାରି ଫେରୁଛନ୍ତି । ଗତ ମଙ୍ଗଳବାର ଓ ବୁଧବାର ୧୨ଜଣ ରୋଗୀ ଫେରିଥିବା ସୂଚନା ମିଳିଛି। ପ୍ରତିଦିନ ପ୍ରାୟ ୩ଟି ସିଫ୍ଟରେ କିଡନୀ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରାଯାଏ । ଅଧିକାଂଶ ସମୟରେ ତୃତୀୟ ସିଫ୍ଟ ବେଳକୁ ଡାକ୍ତରଖାନାରେ ପାଣି ନ ଥାଏ । ଏପରି କି ୨ୟ ସିଫ୍ଟ ରୋଗୀମାନେ ପାଣି ଅଭାବରୁ ଫେରୁଥିବା ନଜୀର ରହିଛି । ଏଣୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ହଟହଟା ହେବା ସହ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଏଡିଏମ୍‌ଓ(ମେଡିକାଲ) ଓ ସିଡିଏମ୍‌ଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି ।

# କରୋନା ରୋଗୀଙ୍କ ସଂଖ୍ୟା କମୁଛି

**ନୟାଗଡ଼ ଅଫିସ,୨୫।୮:**

ବୁଧବାର ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲରେ ୧୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଭାପୁର, ଦଶପଲ୍ଲା, ନୟାଗଡ଼, ନୂଆଗାଁ, ନୟାଗଡ଼ ପୌରାଞ୍ଚଳରୁ ଜଣେ ଲେଖାଏ ମୋଟ୍ ୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଖଣ୍ଡପଡ଼ାରୁ ୪, ଓଡ଼ଗାଁରୁ ୨ ଆକ୍ରାନ୍ତ ଅଛନ୍ତି । ଏହି ସଂଖ୍ୟାକୁ ମିଶାଇଲେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୧୫୩ ରେ ପହଞ୍ଚିଛି । ସୂଚନାଯୋଗ୍ୟ, ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୯୬ ଜୀବନ ନେଇସାରିଛି।

# ପର୍ଯ୍ୟଟନସ୍ଥଳୀକୁ ଆସିପାରୁ ନାହାନ୍ତି ପର୍ଯ୍ୟଟକ

**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.)**

- ସୁଗମ ଯାତାୟତ ବ୍ୟବସ୍ଥା ନାହିଁ
- ନୀଳମାଧବ,ଗୋକୁଳାନନ୍ଦ ପୀଠକୁ ରେଳ ଚଳାଚଳ ଦାବି
- ଅଧାରେ ଅଟକିଛି ରେଳପଥ ସର୍ଭେକାର୍ଯ୍ୟ

କଣ୍ଟିଲୋର ଶ୍ରୀନୀଳମାଧବ ପୀଠକୁ ରାଜ୍ୟ ସରକାର ୧୯୮୯ରୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପ୍ରଦାନ କରିଛନ୍ତି । ଏହାପରେ ବି ସେହି ଅଞ୍ଚଳର ବିକାଶ ପାଇଁ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବିଶେଷ କରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଯାତାୟତର ସୁବିଧା ନାହିଁ । ଟ୍ରେନ ଚଳାଚଳର ସୁବିଧା ନ ଥିବାରୁ ଶ୍ରଦ୍ଧାଳୁମାନେ ପୁରୀରୁ ଫେରି ଯାଉଛନ୍ତି । କଣ୍ଟିଲୋ ନୀଳମାଧବ ପୀଠକୁ ରେଳ ସଂଯୋଗ ହୋଇପାରିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ଅପରପକ୍ଷେ ଶ୍ରୀନୀଳମାଧବ ପୀଠ ନିକଟବର୍ତ୍ତୀ ଭାପୁର ବ୍ଲକ ଅଧୀନ ପଦ୍ମାବତୀ ହନୁମନ୍ତପ୍ରସାଦ ପାହାଡ଼ ଉପରେ ରହିଛି ରାମାଶ୍ରମ ପୀଠ, ପଥରଚକଡାରେ ଅଛି ମା'ନାରାୟଣୀଙ୍କ ପୀଠ, ଧାନଚେଙ୍ଗଡା ପଞ୍ଚାୟତର ଶ୍ରୀନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ଶବର ରାଜା ବିଶ୍ୱାବସୁଙ୍କ ଜନ୍ମସ୍ଥଳୀ ସହ ଧାଙ୍ଗେଡି ପାହାଡ଼ ଉପରେ ଅବସ୍ଥିତ ଲଳିତମାଧବ ମନ୍ଦିର ରହିଛି । କଣ୍ଟିଲୋଠାରୁ ମାତ୍ର ୧୩ କିଲୋମିଟର ଦୂର ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତ ମହାନଦୀ ତଟରେ ଥିବା ମଣିକର୍ଣ୍ଣିକା ପାହାଡ଼ ଉପରେ ବିରାଜିତ ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୋକୁଳାନନ୍ଦ ଜୀଉପୀଠକୁ ବର୍ଷର ପ୍ରାୟ ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସିଥାନ୍ତି । ସେଠାରେ ବଣଭୋଜି କରିବା ସହ ଶ୍ରୀଜୀଉଙ୍କ ଦର୍ଶନ କରିଥାନ୍ତି । ମାତ୍ର ଗମନାଗମନର ସମସ୍ୟା ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ବାରମ୍ବାର ଅଭିଯୋଗ ହୋଇଛି ।

ଓଡିଶା ସୁରକ୍ଷା ସେନାର ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ୨୦୧୪ରେ ପୁରୀ ଗୋବର୍ଦ୍ଧନ ପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ପର୍ଯ୍ୟଟନ ସ୍ଥଳୀର ଗୁରୁତ୍ୱ ଦୃଷ୍ଟିରୁ କଣ୍ଟିଲୋକୁ ରେଳ ପଥ ସଂଯୋଗ କରିବା ପାଇଁ ଶଙ୍କରାଚାର୍ଯ୍ୟ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିନିଧି ଦଳକୁ ସୂଚନା ଦେଇଥିଲେ । ଅପରପକ୍ଷେ ତାଳଚେର-ଗୋପାଳପୁର ଭାୟା ସିଧାମୂଳା ରେଳପଥ ସର୍ଭେକାର୍ଯ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ କେନ୍ଦ୍ର ରେଳମନ୍ତ୍ରୀ ରାମବିଳାସ ପାଶୱାନଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ତାହା ଅଧାରେ ଅଟକି ରହିଯାଇଛି । ଇତି ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନୟାଗଡ଼ ଜିଲା ପର୍ଯ୍ୟନ୍ତ ଲମ୍ବିଛି । ଏ ପରିପ୍ରେକ୍ଷୀରେ ନୀଳମାଧବ ପୀଠ ସହ ଗୋକୁଳାନନ୍ଦ ପୀଠକୁ ରେଳ ପଥ ସଂଯୋଗ କରିବା ଦିଗରେ ରେଳ ମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


କଣ୍ଟିଲୋ ଶ୍ରୀନୀଳମାଧବଙ୍କ ପୀଠ ।